# ସୋର କୋର୍ଟ ପକ୍ଷରୁ ଆଇନ ସଚେତନତା ଶିବିର

ସୋର, ୫।୨(ସମିସ): ସୋର କୋର୍ଟ ତାଲୁକ ଆଇନ ସହାୟତା କମିଟି ତରଫରୁ ମହିଳାମାନଙ୍କର କାର୍ଯ୍ୟ କ୍ଷେତ୍ରରେ ଯୌନ ନିର୍ଯାତନା ସମ୍ବନ୍ଧୀୟ ଆଇନ୍ ଓ ଏହାର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ସୋର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୋର ତାଲୁକ ଆଇନ୍ ସହାୟତା କମିଟିର ଅଧ୍ୟକ୍ଷା ତଥା ଅତିରିକ୍ତ ଜିଲ୍ଲାଜଜ୍ ମିନାକ୍ଷୀ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉପସ୍ଥିତ ଥିବା କର୍ମଚାରୀଙ୍କୁ ଉକ୍ତ ଆଇନ୍ ସୁରକ୍ଷା ଓ ପ୍ରତିକାର ବିଷୟରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ରାଜେଶ କୁମାର ଦାସ ଓ ସିଭିଲ ଜଜ ରାକେଶ କୁମାର ସାହୁ ଆଇନଜୀବୀ ଚିତ୍ତରଞ୍ଜନ ମହାପାତ୍ର, ଧୀରେନ୍ଦ୍ର କୁମାର ଦାସ ଓ ଭବ ଶଙ୍କର ଦାସ ଏହାର ଆଇନ୍ ଗତ ଅଧିକାର ଓ ନ୍ୟାୟ ବିଷୟରେ ସଚେତନ କରାଇଥିଲେ।

କାର୍ଯ୍ୟକ୍ରମକୁ ଆଇନଜୀବୀ କାହ୍ନୁଚରଣ ବେହେରା ପରିଚାଳନା କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। କୋର୍ଟ କର୍ମଚାରୀ ଜ୍ୟୋତି ପ୍ରକାଶ ସେଠୀ ଓ ବିଶ୍ୱରଞ୍ଜନ ବାରିକ୍ ସ୍ୱେଚ୍ଛାସେବୀ ଦେବାଶିଷ ଦାସ, ସନତ ପାତ୍ର, ତପସ୍ୱିନୀ ପାତ୍ର, ସୁକାନ୍ତି ସାହୁ, ଅଜିତାଭ ନାୟକ ଏହି କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକ୍ଷକ ଡା.କାଶୀନାଥ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଲେଶ୍ୱର ଷ୍ଟେସନରେ ବଢୁଛି ଲୁଟେରାଙ୍କ ଉତ୍ପାତ

ବାଲେଶ୍ୱର, ୫।୨(ସମିସ)

ବାଲେଶ୍ୱର ସହରର ବୃଦ୍ଧି ପାଉଛି ମୋବାଇଲ ଚୋରି। କେତେବେଳେ ହସ୍ପିଟାଲ ପରିସର ତ କେତେବେଳେ ରେଳ ଷ୍ଟେସନ। ସବୁଠି ମାଲମାଲ ଚୋର। ବିଶେଷକରି ରେଳ ଷ୍ଟେସନରେ ମାତିଛନ୍ତି ଲୁଟେରା। ଅସୁରକ୍ଷିତ ମନେ କରୁଛନ୍ତି ଯାତ୍ରୀ। ବିଶେଷକରି ମହିଳା ନ ହେଲେ ଝିଅମାନଙ୍କଠୁ ମୋବାଇଲ ଚୋରି ହେଉଥିବା ଜଣାପଡ଼ିଛି। ତେବେ ରେଳ ଷ୍ଟେସନରେ ଯାଞ୍ଚ ସମୟରେ ଜଣେ ମୋବାଇଲ ଲୁଟେରା ଧରାପଡ଼ିଛନ୍ତି। ତାଙ୍କ ନିକଟରୁ ତିନୋଟି ମୋବାଇଲ ଜବତ କରାଯାଇଛି। ଯାହାର ମୂଲ୍ୟ ୪୨ ହଜାର ଟଙ୍କା ରହିଛି ବୋଲି ସୂଚନା ମିଳିଛି।



ତେବେ ସମସ୍ତ ମୋବାଇଲ ଗୋଳାପୋଲ ନିକଟରୁ ଯାତ୍ରୀଙ୍କଠୁ ଛିନତାଇ ହୋଇଛି। ଉକ୍ତ ସ୍ଥାନରେ ଟ୍ରେନ୍ ଧୀରେ ଧୀରେ ଯାଉଥିବା ବେଳେ ଅନେକ ମୋବାଇଲ ଲୁଟେରା ବାଡ଼ି ଲଗାଇ ଯାତ୍ରୀଙ୍କଠୁ ମୋବାଇଲ ନେଇଥାନ୍ତି। ଯାହା ପୂର୍ବରୁ ମଧ ଅଭିଯୋଗ ରହିଛି। ସୂଚନାଯୋଗ୍ୟ, ବାଲେଶ୍ୱର ରେଳ ଷ୍ଟେସନରେ ଯାତ୍ରୀ ସାମଗ୍ରୀ ଚୋରି (ଟିଓପିବି) ଘଟଣାରେ ସମ୍ପୃକ୍ତ ଅପରାଧୀଙ୍କ ବିରୁଦ୍ଧରେ ରେଳ ସୁରକ୍ଷା ବଳ (ଆର୍‌ପିଏଫ୍) ଏବଂ ସରକାରୀ ରେଳ ପୁଲିସ (ଜିଆର୍‌ପି) ଦ୍ୱାରା ଏକ ମିଳିତ ଅଭିଯାନ କରାଯାଇଥିଲା। ଅଭିଯାନ ସମୟରେ ବିଳମ୍ବିତ ରାତିରେ ୧ ନମ୍ବର ପ୍ଲାଟଫର୍ମର ଖଡ଼ଗପୁର-ଶେଷ ଆଡ଼କୁ ଏକ

**ଯାତ୍ରୀଙ୍କଠାରୁ ଲୁଟ୍ ୩ ମୋବାଇଲ ଜବତ**

ଅନ୍ଧାରୁଆ ସ୍ଥାନରେ ଜଣେ ସନ୍ଦିଗ୍ଧ ବ୍ୟକ୍ତି ଏକା ବସିଥିବାର ଦେଖିବାକୁ ମିଳିଥିଲା। ପଚରା ଉଚରା କରାଯିବା ପରେ ସେ ଷ୍ଟେସନରେ ତାଙ୍କର ଉପସ୍ଥିତି ପାଇଁ ସନ୍ତୋଷଜନକ ସ୍ପଷ୍ଟୀକରଣ ଦେଇପାରି ନଥିଲେ ଏବଂ କୌଣସି ବୈଧ ଯାତ୍ରା କାଗଜପତ୍ର ଦେଖାଇ ପାରିନଥିଲେ। ଅଧିକ ପଚରାଉଚରା ଏବଂ ଖୋଜାଖୋଜି ପରେ ତାଙ୍କ ନିକଟରୁ ୪୨ ହଜାର ଟଙ୍କା ମୂଲ୍ୟର ତିନୋଟି ମୋବାଇଲ୍ ଫୋନ୍ ଉଦ୍ଧାର କରାଯାଇଥିଲା। ବ୍ୟକ୍ତି ଜଣକ ସ୍ୱୀକାର କରିଥିଲେ ଯେ, ସେ ବାଲେଶ୍ୱରର ଗୋଳାପୋଲ ନିକଟରେ ଟ୍ରେନ୍ ଧୀରେ ଧୀରେ ଚାଲୁଥିବା ସମୟରେ ଯାତ୍ରୀମାନଙ୍କଠାରୁ ଏହି ମୋବାଇଲ୍ ଫୋନ୍ ଛଡ଼ାଇ ନେଇଥିଲେ। ମୋବାଇଲ୍‌କୁ ଫୋନ୍ ତାଙ୍କଠାରୁ ଜବତ କରାଯାଇଥିଲା। ପରେ ଅଭିଯୁକ୍ତକୁ ଜବତ ସାମଗ୍ରୀ ସହିତ ଜିଆରପି ବାଲେଶ୍ୱରକୁ ହସ୍ତାନ୍ତର କରାଯାଇଥିଲା। ରେଳ ସୁରକ୍ଷା ବାହିନୀ ଯାତ୍ରୀ ସୁରକ୍ଷା ସୁନିଶ୍ଚିତ କରିବା ସହ ଟ୍ରେନ ପରିସରରେ ଅପରାଧ ରୋକିବା ପାଇଁ ପ୍ରତିବଦ୍ଧ ବୋଲି ପ୍ରକାଶ କରିଛି।

# ସିଦ୍ଧି ବିନାୟକ ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ



ଖଇରା, ୫।୨(ସମିସ): ଯେଉଭଳି ୩ଟି ବାହୁର ସମିଶ୍ରଣରେ ତ୍ରିଭୁଜ ସୃଷ୍ଟି ହୋଇଥାଏ ସେଭଳି ଗୋଟିଏ ପିଲାର ଭବିଷ୍ୟତ ଗଠନ ପାଇଁ ପରିଚାଳନା କମିଟି, ଶିକ୍ଷୟିତ୍ରୀ ଶିକ୍ଷକ ଓ ମାତାପିତାଙ୍କ ମିଳିତ ଉଦ୍ୟମ ଆବଶ୍ୟକ ବୋଲି ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ କୋଚିଆକୋଇଲିସ୍ଥିତ ସିଦ୍ଧି ବିନାୟକ ଆଇଡିଆଲ ପବ୍ଲିକ ସ୍କୁଲର ବାର୍ଷିକୋତ୍ସବରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଗୁରୁବାର ଅପରାହ୍ନରେ ସ୍କୁଲ ନିର୍ଦ୍ଦେଶକ ଧର୍ମେନ୍ଦ୍ର ପ୍ରଧାନଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ବାଲେଶ୍ୱର ସିଦ୍ଧି ବିନାୟକ ସ୍କୁଲର ଅଧ୍ୟକ୍ଷ ସୁଧାଂଶୁ ପଣ୍ଡା ମୁଖ୍ୟ ଅତିଥି, ଖଇରା ମହାବିଦ୍ୟାଳୟ ଅଧ୍ୟକ୍ଷ ଲକ୍ଷ୍ମୀଧର ନାୟକ ମୁଖ୍ୟବକ୍ତା, ପଦାର୍ଥ ବିଜ୍ଞାନ ଅଧ୍ୟାପକ ଶଶିକାନ୍ତ ପଣ୍ଡା, ଜୀବ ବିଜ୍ଞାନ ଅଧ୍ୟାପକ ରାମଚନ୍ଦ୍ର ଉପାଧ୍ୟାୟ, ଓଡିଆ ଅଧ୍ୟାପିକା ଡା ଆଭାରାଣୀ ବଳ ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବୁଦ୍ଧିରାମ ପାଣିଗ୍ରାହୀ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ଉପରୋକ୍ତ ବିଷୟ ପ୍ରକାଶ କରିଛନ୍ତି। ଅଧ୍ୟକ୍ଷା ସସ୍ମିତା ନାୟକ ସ୍ୱାଗତ ଭାଷଣ, ସମ୍ପାଦକ ବନିତା ନାୟକ ବିବରଣୀ ପାଠ ଓ ଗାୟତ୍ରୀ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପିଲାମାନଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ, ସ୍ୱାଗତ ନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ବାଲି ଚାଲାଣ ରୋକିବାକୁ ରାତିଅଧିଆ ଚଢ଼ଉ





ରାଜଘାଟ, ୫।୨(ସମିସ): ଜଳେଶ୍ୱର ଥାନା ଚାଲନ୍ତୀ ନିକଟ ଏକ ବାଲି ସୈରାତରେ ବେଆଇନ ଭାବେ ବାଲି ଉତ୍ତୋଳନ ସମୟରେ ଜିଲ୍ଲା ଖଣି ବିଭାଗ ପକ୍ଷରୁ ଚଢ଼ଉ କରାଯାଇଥିଲା। ଦୁଇଟି ବାଲି ବୋଝେଇ ଡମ୍ଫର ଜବତ କରାଯାଇଥିବା ବେଳେ କୋଡିଏରୁ ଉର୍ଦ୍ଧ୍ୱ ଡମ୍ଫର ସହ ତିନୋଟି ଜେସିବି ଖସିଯିବାରେ ସକ୍ଷମ ହୋଇଛି। ସୂଚନାରୁ ପ୍ରକାଶ ଉକ୍ତ ବାଲି ସୈରାତରେ ମାଫିଆ ମାନେ ଦୀର୍ଘଦିନ ଧରି ବାଲି ଉତ୍ତୋଳନ କରି ଡମ୍ଫର ଯୋଗେ ଚୋରାରେ

**ଧରାପଡ଼ିଲା ୨ ଡମ୍ଫର; ଖସିଗଲା ୨୦ରୁ ଉର୍ଦ୍ଧ୍ୱ**

ପଡ଼ୋଶୀ ପଶ୍ଚିମବଙ୍ଗକୁ ଚାଲାଣ କରିଆସୁଥିଲେ। ଏ ନେଇ ସ୍ଥାନୀୟ ଲୋକ ବାରମ୍ବାର ଜିଲ୍ଲା ଖଣି ଅଧିକାରୀ ଜଗନ ବେହେରାଙ୍କ ନିକଟରେ ଅଭିଯୋଗ କରିଆସୁଥିଲେ। ଅଭିଯୋଗ କ୍ରମେ ଜିଲ୍ଲା ଖଣି ଅଧିକାରୀ ଗତକାଲି ଏକ ସ୍ୱତନ୍ତ୍ର ଟିମ ଗଠନ କରିବା ସହ ଜଳେଶ୍ୱର କନିଷ୍ଠ ଖଣି ଅଧିକାରୀ ତାପସ ବେହେରାଙ୍କୁ ଘଟଣା ସ୍ଥଳକୁ ପଠାଇଥିଲେ। ଉକ୍ତ ସୈରାତରେ ଅଧିକାରୀମାନେ ରାତି ଗୋଟାଏରେ ପହଞ୍ଚିବା ପରେ ମାଫିଆମାନେ ଛତ୍ରଭଙ୍ଗ ଦେବାସହ କୋଡ଼ିଏରୁ ଉର୍ଦ୍ଧ୍ୱ ଡମ୍ଫର ଓ ତିନୋଟି ଜେସିବି ଖସାଇବାରେ ସକ୍ଷମ ହୋଇଥିଲେ। କେବଳ ଦୁଇଟି ବାଲି ବୋଝେଇ ଡମ୍ଫର (ଓଡି ୦୧ ବିଏଫ ୮୧୨୩ ଏବଂ ଓଡି ୦୧ ବିଡି ୫୦୩୪)କୁ ଜବତ କରି ଜଳେଶ୍ୱର ଥାନାକୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି।

# ତିନୋଟି ମନ୍ଦିରରୁ ସିରିଜ ଚୋରି; ଥାନାରେ ଅଭିଯୋଗ

ସୋର, ୫।୨(ସମିସ): ସୋର ଥାନା ସବିରା ପଞ୍ଚାୟତ କୃଷ୍ଣନଗରରେ ଥିବା ତିନୋଟି ମନ୍ଦିରରୁ ଗତକାଲି ବିଳମ୍ବିତ ରାତିରେ ସିରିଜ ଚୋରି ହୋଇଥିବା ଜଣାପଡ଼ିଛି।

ସୂଚନା ଅନୁସାରେ ଏହି ଗ୍ରାମରେ ଥିବା ହନୁମାନ ମନ୍ଦିର, ଶିରିଡ଼ି ସାଇ ମନ୍ଦିର ଓ ଠାକୁରାଣୀ ମନ୍ଦିରର ଚାବି ଭାଙ୍ଗି ମନ୍ଦିର ମଧ୍ୟରେ ପଶି ଦୁର୍ବୃତ୍ତମାନେ ଚୋରି କରିନେଇଥିଲେ। ଆଜି ସକାଳେ ମନ୍ଦିର ପୂଜକ ପୂଜା କରିବାକୁ ଆସିବାବେଳେ ମନ୍ଦିରର ଚାବି ଭଙ୍ଗାଥିବା ଦେଖି ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ପରେ ମନ୍ଦିରରୁ ରୁପା ମୁକୁଟ, ରୁପା ହାର ସମେତ ପିତ୍ତଳ ସାମଗ୍ରୀ ଚୋରି ହୋଇଥିବା ଜାଣିବାକୁ ପାଇ ସୋର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ହଜରତ୍ କୁତୁବ ସାହା ବାବାଙ୍କ ବାର୍ଷିକୋତ୍ସବ



ଜଳେଶ୍ୱର, ୫।୨(ସମିସ): ଜଳେଶ୍ୱର ବ୍ଲକ ମହମ୍ମଦ ନଗର ପାଟଣା ନିକଟରେ ଥିବା ଶହଶହ ବର୍ଷର ପୁରୁଣା ହଜରତ୍ କୁତୁବ ସାହ ବାବାଙ୍କ ଆସ୍ଥାନର ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳେ ବାବାଙ୍କର ଆସ୍ଥାନକୁ ଗାଧୋଇବା ପରେ ସମୂହ କୋରାନ ପାଠ କରାଯିବା ସହିତ ଚାଦରପୋଶି କରାଯାଇଥିଲା। ଉକ୍ତ ଆସ୍ଥାନରେ ମହିଳାମାନେ ଦିନସାରା କୋରାନ ପାଠ କରିବା ସହିତ ନିଜର ମନସ୍କାମନା ପୂରଣ ପାଇଁ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି ଉପଲକ୍ଷେ ଏକ ଧର୍ମାଲୋଚନା ଜଲସା ଅନୁଷ୍ଠିତ ହୋଇଥିଲା। ସେଥିରେ ବିଭିନ୍ନ ସ୍ଥାନରୁ ଆସିଥିବା ହାଫିଜ, ମୌଲାନା, ମୁଫତି, ନକିବ, ମୁକିମ ପ୍ରମୁଖ ପ୍ରବକ୍ତା ଧର୍ମାଲୋଚନା ଓ ପ୍ରବଚନ ପ୍ରଦାନ କରିଥିଲେ। ଏହି ଉତ୍ସବରେ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ବହୁ ମୁସଲିମ ସମ୍ପ୍ରଦାୟର ଭକ୍ତମାନେ ଯୋଗଦେଇ ତାଙ୍କର ମନସ୍କାମନା ପୂରଣ ପାଇଁ ମାନସିକ କରିଥିଲେ। କମିଟି ପକ୍ଷରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ବାବାଙ୍କ ଭୋଗ ଆୟୋଜନରେ ସେଖ ସମିରୁଦ୍ଦିନ, ସେଖ ସୀତାରୁଦ୍ଦିନ ପ୍ରମୁଖ ସହଯୋଗ କରିଥିଲେ। ଏହି ଆସ୍ଥାନର ବହୁତ ଜାହିରା ରହିଛି ବୋଲି ଉପସ୍ଥିତ ମୌଲବିମାନେ କହିଥିଲେ। କାର୍ଯ୍ୟକ୍ରମକୁ ଆସ୍ଥାନର ସଭାପତି ମହମ୍ମଦ ହୁସେନ ଖାଁ, ସମ୍ପାଦକ କାସିମ ବକ୍ସ ତଥା ସେକ୍ ଇନତାବ ବକ୍ସ, ଅବଦୁଲ ରହମାନ, ସେକ ରେହେମାନ, ସେକ ସମୀର, ଇସଲାମ ଖାଁ, ସାମଶେର ଖାଁ ପ୍ରମୁଖ ପରିଚାଳନା କରିଥିଲେ।

# ଜଳେଶ୍ୱରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ଜଳେଶ୍ୱର ବ୍ଲକ, ୫।୨(ସମିସ): ଗୁରୁବାର ବଡ଼ ବଜାରସ୍ଥିତ ମହୋତ୍ସବ ପଡ଼ିଆ କାର୍ଯ୍ୟାଳୟ ପରିସରରେ ୨୨ ବର୍ଷ ଧରି ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଆସୁଛି। ଚଳିତବର୍ଷ ଶିବିରକୁ ଉଦ୍‌ଘାଟନ କରିଥିଲେ ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷ, ସଭାପତି ସମୀର କୁମାର ପାତ୍ର, ରକ୍ତ ଦାତା ସଂଘ, ଜଳେଶ୍ୱର ଶାଖାର ସଭାପତି ତଥା ମହୋତ୍ସବ କମିଟିର ପ୍ରାକ୍ତନ ସଭାପତି ଡଃ ଅଜିତ କୁମାର ମହାନ୍ତି, ବାଲେଶ୍ୱର ଜିଲ୍ଲା ରକ୍ତ କେନ୍ଦ୍ରର ଡାକ୍ତର ଦେବପ୍ରିୟା ଘୋଷ, ଲକ୍ଷ୍ମୀଧର ବାରିକ ତଥା ଅନ୍ୟାନ୍ୟ କର୍ମଚାରୀଙ୍କ ତତ୍ତ୍ୱାବଧାନରେ ରକ୍ତଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାକ୍ତନ ସଭାପତି ଦିଲ୍ଲୀପ କୁମାର ଗିରି ପ୍ରାକ୍ତନ ସଭାପତି ସତ୍ୟସୁନ୍ଦର ଦାସ, କାର୍ଯ୍ୟକାରୀ ସଭାପତି ଗୋବିନ୍ଦ ଚନ୍ଦ୍ର ସାହୁ, ମହୋତ୍ସବ କମିଟିର କନ୍‌ଭେନର ତଥା ବରିଷ୍ଠ ଆଇନଜୀବୀ ସତ୍ୟସୁନ୍ଦର ଦାସ, ସମ୍ପାଦକ ସୁଶାନ୍ତ କୁମାର ଦାସ, କୋଷାଧ୍ୟକ୍ଷ ଗୋପାଳ ଚନ୍ଦ୍ର ସାହୁ, ପ୍ରାକ୍ତନ ସଭାପତି ଜିତାଂଶୁ ଶେଖର ନନ୍ଦୀ, ମଧୁସୂଦନ ଦତ୍ତ, ସୁବ୍ରତ ରଣା, ରବୀନ୍ଦ୍ରନାଥ



ସେନାପତି, ଆଲୋକ ପାତ୍ର, ଦୀପୁ ଦାସ, ରାମ ନାରାୟଣ ଦାସ, ଅମିତାଭ ପାତ୍ର, ବଳରାମ ସାହୁ, ଅଭିଜିତ କରଣ, ଦିଗମ୍ବରୀ ଦେବୀ, ଶିକ୍ଷାନୁଷ୍ଠାନ ସମୂହର ସମ୍ପାଦିକା, ଛାତଛାତ୍ରୀ ରକ୍ତ ଦାନ କରିଥିଲେ। ମନୋଜ କୁମାର ଦାସ, ଦେବାଶିଷ ଦାସ, ଏସ୍‌କେ ଆସରତ୍, ଭବ ଶଙ୍କର ନନ୍ଦୀ, ରିହାନା ସାହା, ସୌରଭ କୁମାର ଦେ, ପ୍ରଶାନ୍ତ ମହାପାତ୍ର, ସୁମୀ ବାରିକ, ଚନ୍ଦନ କୁମାର ମଲ୍ଲିକ, ରଣଜିତ ଗିରି ପ୍ରମୁଖ ରକ୍ତଦାନ କରିଥିଲେ।

# ଅବସରକାଳୀନ ସମ୍ବର୍ଦ୍ଧନା ସଭା

ଜଳେଶ୍ୱର, ୫।୨(ସମିସ): ଜଳେଶ୍ୱର ବ୍ଲକ ଦୀନକୃଷ୍ଣ ନୋଡାଲ ଉପ୍ରା ବିଦ୍ୟାଳୟରେ ବୁଧବାର ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏ ନେଇ ଆୟୋଜିତ ବୈଠକରେ ସଭାପତି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶୁକଦେବ ପରମାଣିକ ଉପସ୍ଥିତ ଥିଲେ। କଳା ଶିକ୍ଷକ ସୁଧୀର କୁମାର ଗିରି ଖୁଆଡ଼ ସ୍କୁଲ୍‌ରେ ଦୀର୍ଘ ୧୨ ବର୍ଷ ହେବ କଳା ଶିକ୍ଷକ ଭାବେ କାର୍ଯ୍ୟ କରିଥିଲେ। ସେ ୩୧ ଜାନୁଆରୀରେ ଅବସର ଗ୍ରହଣ କରିଛନ୍ତି। ମାନପତ୍ର ପଠନ କରିଥିଲେ ଶିକ୍ଷୟିତ୍ରୀ ସାରଥୀ ବେହେରା। ମଞ୍ଚ ଅୱାନ ଶିକ୍ଷକ ବିଶ୍ୱଜିତ୍ ପଣ୍ଡା। ଶିକ୍ଷକ ରବୀନ୍ଦ୍ର ନାଥ ପାତ୍ର, ମାଧବେନ୍ଦ୍ର ସାହୁ, ସମୀର କୁମାର ମହାନ୍ତ, ଶ୍ରାବଣୀ ଲତା ସାସମଲ୍ ଏବଂ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶିବ ଶଙ୍କର ସାହୁ ଓ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।





# ଦୁଷ୍କର୍ମ ଉଦ୍ୟମ କରି ଛେଚା ଖାଇଲେ ଯୁବକ

ରୂପସା, ୫।୨(ସମିସ): ବସ୍ତା ଥାନା ଅଧୀନ ହଳଦୀପାଳ ବଜାରରେ ଜଣେ ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମ କରି ଯୁବକ ଜଣେ ଛେଚା ଖାଇଥିବା ଜଣାପଡ଼ିଛି। ସେ ହେଲେ ସ୍ଥାନୀୟ ପାରବିଲା ଗ୍ରାମର ଜିତେନ୍ଦ୍ର ଗାଣ। ହଳଦୀପାଳ ବଜାରରେ ଉକ୍ତ ଯୁବକଙ୍କର ଏକ ରଙ୍ଗ ଦୋକାନ ରହିଛି। ଆଜି ଅପରାହ୍ଣରେ ଜିତେନ୍ଦ୍ର ନିଶାସକ୍ତ ଅବସ୍ଥାରେ ତାଙ୍କ ଦୋକାନ ନିକଟରେ ଥିବା ଏକ ବିୟୁଟି ପାର୍ଲର ଭିତରେ ପଶିବା ସହିତ ପାର୍ଲରର ମାଲିକାଣୀଙ୍କୁ ଭୁଜାଲି ଦେଖାଇ ଧମକ ଚମକ ଦେବା ସହିତ ତାଙ୍କୁ ଦୁଷ୍କର୍ମ ଉଦ୍ୟମ କରିଥିଲେ। ତାଙ୍କ ପାଟି ଶୁଣି ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିବା ସହିତ ଜିତେନ୍ଦ୍ରଙ୍କୁ କାବୁକରି ଧୁମ୍ ଛେଚିଥିଲେ। ଖବର ପାଇ ବସ୍ତା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଜିତେନ୍ଦ୍ରଙ୍କୁ ସେଠାରୁ ଉଦ୍ଧାର କରି ଥାନାରେ ଅଟକ ରଖିବା ସହ ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି।

# ଖଡ଼ି ଓ ଇକଡ଼କୁ ମିଳିଲା କୃଷିର ମାନ୍ୟତା

ବାଲେଶ୍ୱର(ଉତ୍ତର), ଭୋଗରାଇ, ୫।୨(ସମିସ)

ରାଜ୍ୟ ସରକାର ଖଡ଼ି ଓ ଇକିଡ଼ ଚାଷକୁ କୃଷି ମାନ୍ୟତା ପ୍ରଦାନ କରିଛନ୍ତି। ଫଳରେ ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦାବି ସଫଳ ହେଲା କହିଛନ୍ତି ସ୍ଥାନୀୟ ଲୋକେ। ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର ୮ ରୁ ଉର୍ଦ୍ଧ୍ୱ ପଞ୍ଚାୟତର ୩୦ ହଜାରରୁ ଅଧିକ ପରିବାରର ଜୀବିକାର୍ଜନର ମାଧ୍ୟମ ଖଡ଼ି ଓ ଇକଡ଼ ଚାଷକୁ କୃଷି ବିଭାଗ କୃଷିର ମାନ୍ୟତା ପ୍ରଦାନ କରିଛି। ଏ ନେଇ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ୧ବର୍ଷରୁ ଅଧିକ ଦିନ ଧରି ପ୍ରୟାସ ଜାରି ରଖିଥିଲେ। ବିଧାନସଭା ସଭାରେ ବୈଧାନିକ ପ୍ରଶ୍ନ ଉଠାଇବା ସହିତ କୃଷି ମନ୍ତ୍ରୀ, କୃଷି ବିଭାଗର ପ୍ରମୁଖ ସଚିବକୁ ଭେଟି ଦାବି ଜଣାଇଥିଲେ। ଶେଷରେ ତାଙ୍କର ପ୍ରୟାସ ଆଜି ସଫଳ ହୋଇଛି। ବିଧାୟକ ଶ୍ରୀ ଦାସଙ୍କ ଏଭଳି ଉଦ୍ୟମକୁ ଭୋଗରାଇର ଖଡ଼ି ଓ ଇକିଡ଼ ଚାଷୀ ପ୍ରଶଂସା କରିଛନ୍ତି।

ସୂଚନାଯୋଗ୍ୟ ଯେ ଭୋଗରାଇ ପାନ, ଧାନ ଓ ମୀନର ଅଞ୍ଚଳ ଭାବେ ପରିଚିତ। ଏହାକୁ ଜୀବିକା କରି ଏ ଅଞ୍ଚଳର ୬୦ ପ୍ରତିଶତରୁ ଅଧିକ ଲୋକେ ଜୀବନ ନିର୍ବାହ କରିଥାନ୍ତି। ତେବେ ଆଜି ପର୍ଯ୍ୟନ୍ତ ପାନ ଚାଷ ସହିତ ଏହି ଚାଷରେ ବ୍ୟବହୃତ ହେଉଥିବା ଖଡ଼ି, ଇକଡ଼





ଚାଷକୁ ସରକାରୀ ଭାବେ କୃଷିର ମାନ୍ୟତା ମିଳିପାରି ନଥିଲା। ଫଳରେ ପ୍ରାକୃତିକ ବିପର୍ଯ୍ୟୟରେ କ୍ଷତିଗ୍ରସ୍ତ ଫସଲର କ୍ଷତିପୂରଣ ସହିତ ରିହାତି ଦରରେ କିମ୍ବା ବିନା ସୁଧରେ କୃଷି ଋଣ ମିଳୁନଥିଲା। ତେଣୁ ଏହି ଚାଷକୁ କୃଷିର ମାନ୍ୟତା ଦେବାକୁ ଦୀର୍ଘଦିନ ଧରି ଚାଷୀମାନେ ଦାବି କରି ଆସୁଥିଲେ। ପୂର୍ବରୁ ଡିଜିଟାଲ କ୍ରପ୍ ସର୍ଭେ ସମୟରେ କୃଷି ବିଭାଗ ଏହାକୁ 'ବାଜେ ଫସଲ' ଆଖ୍ୟା ଦେଇ ତାଲିକାଭୁକ୍ତ କରୁନଥିଲେ। ଏହା ବିଧାୟକ ଶ୍ରୀ ଦାସଙ୍କ ଦୃଷ୍ଟିକୁ ଆସିବା ପରେ ସେ ଏ ନେଇ ବାରମ୍ବାର ବିଧାନସଭାରେ ଉଠାଇବା ସହ କୃଷି ବିଭାଗର ପ୍ରମୁଖ ସଚିବ ଅରବିନ୍ଦ ପାଢ଼ୀଙ୍କୁ ଚିଠି ଲେଖିଥିଲେ। ଏପରିକି ସାକ୍ଷାତ କରି ଖଡ଼ି ଓ ଇକଡ଼ କିପରି ପାନଚାଷର ଆନୁସଂଗିକ ସାମଗ୍ରୀ ରୂପେ ବ୍ୟବହୃତ ହୁଏ ତାହା ବୁଝାଇଥିଲେ। ଶ୍ରୀ ପାଢ଼ୀ ସବୁ ଶୁଣିବା ପରେ ଖଡ଼ି ଓ ଇକଡ଼କୁ ଚଳିତ ରବି ଋତୁର କ୍ରପ୍ ସର୍ଭେରେ ସାମିଲ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ତେବେ ଖୁସିର କଥା, ପ୍ରତିଶ୍ରୁତି ମୁତାବକ ଚଳିତ ସପ୍ତାହରୁ ଭୋଗରାଇରେ ଚାଲିଥିବା ଡିଜିଟାଲ କ୍ରପ୍ ସର୍ଭେରେ ଇକଡ଼କୁ ସାମିଲ କରାଯାଇଛି। ଏଣିକି ଖଡ଼ି ଓ ଇକଡ଼ ଚାଷ ବିଧିବଦ୍ଧ ଭାବେ କୃଷିଜାତ ଦ୍ରବ୍ୟ ତାଲିକାରେ ସ୍ଥାନ ପାଇବା ସହିତ ଭୋଗରାଇ ସମେତ ସାରା ରାଜ୍ୟର ଖଡ଼ି ଓ ଇକଡ଼ ଚାଷୀ ଉପକୃତ ହେବେ ବୋଲି ବିଧାୟକ ଶ୍ରୀ ଦାସ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଅନୁରୂପ ଭାବେ ଅର୍ଥକାରୀ ପାନ ଫସଲ ମଧ୍ୟ ସରକାରୀ ସ୍ତରରେ କୃଷିର ମାନ୍ୟତା ମିଳିନାହିଁ। ଏ ନେଇ ମଧ ଦୀର୍ଘଦିନ ଧରି ଦାବି ମୁତାବକ ପୂର୍ବ ସରକାର ଗୁରୁତ୍ୱ ଦେଇଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ରାଜ୍ୟର ସମସ୍ତ ଅଞ୍ଚଳର ଚାଷୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ମାତ୍ର ତାହା ଏବେ ବନ୍ଦ ହୋଇଯାଇଛି। ତେଣୁ ଏହି ଚାଷକୁ ମଧ ବିଧିବଦ୍ଧ ଭାବେ କୃଷିର ମାନ୍ୟତା ପ୍ରଦାନ କରିବା ପାଇଁ ଭୋଗରାଇବାସୀଙ୍କ ପକ୍ଷରୁ ଦାବି ହେଉଛି।

# ମାର୍କୋଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



ସିମୁଳିଆ, ୫।୨(ସମିସ): ମାର୍କୋଣା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପୂର୍ଣ୍ଣିମା ପଣ୍ଡାଙ୍କ ସଭାପତିତ୍ୱରେ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲ୍ୟାଣୀ ପଣ୍ଡା ଅତିଥି ପରିଚୟ କରିଥିଲେ। ପରେ ବିଦ୍ୟାଳୟର ବିବରଣୀ ପାଠ କରିଥିଲେ ମୁଖ୍ୟଅତିଥି ସିମୁଳିଆ, ଖଇରା ବିଧାୟକ, ପଦ୍ମଲୋଚନ ପଣ୍ଡା, ନାଚ, ଗୀତ ଓ କ୍ରୀଡ଼ାରେ ପ୍ରଥମ, ଦ୍ୱିତୀୟ, ଓ ତୃତୀୟ ସ୍ଥାନରେ ଥିବା ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ପିଲାମାନେ ହେଉଛନ୍ତି କାଲିର ଭବିଷ୍ୟତ ବୋଲି ମୁଖ୍ୟଅତିଥି କହିଥିଲେ। ମୁଖ୍ୟବ୍ୟକ୍ତା ବିଆର୍‌ସି ଅଜୟ କୁମାର ପଣ୍ଡା, ସମ୍ମାନିତ ଅତିଥି ସିଆରସିସି ଶ୍ରୀକାନ୍ତ ମହାନ୍ତି, ବନମାଳୀ ବିଶ୍ୱାଳ, କମଳାକାନ୍ତ ନାୟକ, ମଞ୍ଚାସୀନ ଥିଲେ।

## ଟୋକନ ଦେବାରେ ବିଳମ୍ବ; କଚ୍ଛପ ଗତିରେ ଧାନ କିଣା

# ମାଟିଆଳି ଲ୍ୟାମ୍ପସରେ ତାଲା ପକାଇଲେ ଚାଷୀ

ନୀଳଗିରି, ୫।୨(ସମିସ)





ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ମାଟିଆଳି ସେବା ସମବାୟ ସମିତି ଅଧୀନ ବରହମପୁର ଲ୍ୟାମ୍ପସ୍‌ରେ ଚଳିତ ବର୍ଷ ଖରିଫ ଋତୁରେ ଚାଷୀଙ୍କୁ ଟୋକନ ମିଳିବାରେ ବିଳମ୍ବ ହୋଇଛି। ଅଳ୍ପ କେତେକ ଚାଷୀଙ୍କୁ ଟୋକନ ମିଳିଛି ସତ କିନ୍ତୁ ମିଳିଥିବା ଟୋକନର ଅବଧି ଶେଷ ହୋଇଗଲାଣି। ଏଥି ସହିତ ଧାନ କିଣାରେ କଚ୍ଛପ ଗତିକୁ ନେଇ ଆଜି ବରହମପୁରର ଶତାଧିକ ଚାଷୀ ଏକଜୁଟ ହୋଇ ପୂର୍ବାହ୍ନ ୯ଟାରେ ସମବାୟ ସମିତି କାର୍ଯ୍ୟାଳୟରେ ତାଲା ପକାଇ ପରିଚାଳନା ନିର୍ଦ୍ଦେଶକ ସୁବଳ କିଶୋର ବେହେରା ଓ ଅନ୍ୟ କର୍ମଚାରୀଙ୍କୁ କାର୍ଯ୍ୟାଳୟକୁ ଛାଡ଼ି ନଥିଲେ। ତେବେ କିଛି ଘଣ୍ଟା ଧରି କଥା କଟାକଟି ହେବା ସହିତ ପ୍ରିୟାପ୍ରୀତି ପୋଷଣ ନେଇ ପ୍ରଶ୍ନ ଉଠାଇଛନ୍ତି ଚାଷୀ। ଛୋଟ ଲ୍ୟାମ୍ପସ୍‌ରେ ଅଧିକ ଗାଡ଼ି ଆସି ଧାନ ନେଉଥିବା ବେଳେ ବରହମପୁର ଲ୍ୟାମ୍ପସକୁ କମ୍ ଗାଡି ଆସୁଛି ଏବଂ କଳା ବେପାରୀଙ୍କ ଠାରୁ ଗଳା ବାଟ ଦେଇ ଲ୍ୟାମ୍ପସ୍ ଅଧିକାରୀ ଧାନ କିଣୁଥିବା ଆନ୍ଦୋଳନକାରୀ ଚାଷୀମାନେ ମହା ଅଭିଯୋଗ ଆଣିଥିଲେ। ଏ ନେଇ ପରିଚାଳନା ନିର୍ଦ୍ଦେଶକ ସୁବଳ କିଶୋର ବେହେରାଙ୍କୁ ପଚାରିବାରୁ ଚାରି

**କାର୍ଯ୍ୟାଳୟ ଭିତରକୁ ଯାଇପାରିଲେନି ଅଧିକାରୀ**

ମାସ ଚାଲିଗଲାଣି, ଚାଷୀ ନଭେମ୍ବରରୁ ଧାନ କାଟି ଫେବୃୟାରୀ ହେଲାଣି। ଧାନ ବିକ୍ରି କରିପାରୁନଥିବାରୁ ଚାଷୀ ତାଲା ପକାଇଛନ୍ତି। ମିଲ୍ ଗାଡ଼ି ଦେଇନି, ଟାର୍ଗେଟ ସରି ସରି ଆସୁଛି। ୮୫୦ ଚାଷୀ ପଞ୍ଜୀକରଣ କରିଥିବା ବେଳେ ୨୦ ରୁ ୨୫ହଜାର କୁଇଣ୍ଟାଲ ଟାର୍ଗେଟ ହେବା ସ୍ଥାନରେ ମାତ୍ର ୬ହଜାର ୭ଶହ କ୍ୱିଣ୍ଟାଲ ଟାର୍ଗେଟ ମିଳିଥିବା ଜଣାପଡ଼ିଛି। ଖବର ପାଇ ନୀଳଗିରି ଯୋଗାଣ ବିଭାଗର ଅଧିକାରିଣୀ ରାଜଲକ୍ଷ୍ମୀ ପଣ୍ଡା, ଏସ୍‌ସିଏସ୍‌ଓ ବିଦ୍ୟୁତଲତା ନାୟକ, ଏଆର୍‌ସିଏସ୍ ବିଷ୍ଣୁ ମୋହନ ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ଏଥିରେ ଅନ୍ୟ ଦୁଇଟି ମିଲରଙ୍କ ଦ୍ୱାରା ନିୟମିତ ଧାନ କିଣାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ୪୮ ଲିଟର ମଦ ସହିତ ୩ ଗିରଫ



ଭୋଗରାଇ, ୫।୨(ସମିସ): ବାଲେଶ୍ୱର ଡେପୁଟି ସୁପରିଟେଣ୍ଡେଣ୍ଟ ଶଶୀକାନ୍ତ ଦତ୍ତଙ୍କ ନିର୍ଦ୍ଦେଶକ୍ରମେ ଭୋଗରାଇ ଅବକାରୀ ଥାନା ପକ୍ଷରୁ ବିଭିନ୍ନ ଜାଗାରେ ଚଢ଼ଉ କରାଯାଇ ୪୮ ଲିଟର ଚୋରା ଦେଶୀ ମଦ ସହିତ ୩ ଜଣ ଚୋରା ଦେଶୀ ମଦ ବେପାରୀଙ୍କୁ ଗିରଫ କରିଛି। ଭୋଗରାଇ ବ୍ଲକ ଦହମୁଣ୍ଡା ଗ୍ରାମର ମଧୁମିତା ପଣ୍ଡା ପାଖରୁ ୭ ଲିଟର, ଉଲୁଡ଼ା ଗ୍ରାମର ମଞ୍ଜୁଲତା ପାଲ ପାଖରୁ ୨୬ ଲିଟର, ଭୋଗରାଇ ଗ୍ରାମର ପଦ୍ମଲୋଚନ ବେହେରା ପାଖରୁ ୧୫ ଲିଟର ଚୋରା ଦେଶୀ ମଦ ଜବତ କରିଛି ଅବକାରୀ ବିଭାଗ। ଏ ନେଇ ଅବକାରୀ ଥାନାରେ ପୃଥକ୍ ମାମଲା ରୁଜୁ ହୋଇଛି। ଏହି ଚଢ଼ଉରେ ଭୋଗରାଇ ଅବକାରୀ ଥାନା ଓଆଇସି ସୁନୀଲ ମାଝୀ, ଏଏସ୍‌ଆଇ ଦିଲ୍ଲୀପ ତ୍ରିପାଠୀ, କନଷ୍ଟେବଲ ବ୍ରହ୍ମଜିତ ଦାସଙ୍କ ସହିତ ଅନ୍ୟମାନେ ସାମିଲ ଥିଲେ।

## ସାଧାରଣ ଧର୍ମଘଟ ପାଇଁ ପ୍ରସ୍ତୁତି ବୈଠକ

ନୀଳଗିରି, ୫।୨(ସମିସ): କେନ୍ଦ୍ର ସରକାରଙ୍କ ଶ୍ରମିକ ଓ କୃଷକ ମାରଣ ନୀତି ବିରୋଧରେ ଆସନ୍ତା ୧୨ତାରିଖରେ ସାଧାରଣ ଧର୍ମଘଟ ଡାକରା ଦିଆଯାଇଛି। ଏହାକୁ ସଫଳ କରିବା ପାଇଁ ସିଟୁ ପକ୍ଷରୁ ଗରଡିହିର ଚେକମାରା ଠାରେ ଏକ ହାଟସଭା କରାଯାଇଛି। ସିଆଇଟିୟୁର ଜିଲ୍ଲା ସାଧାରଣ ସମ୍ପାଦକ ବିଜୟ କୁମାର ପାତ୍ର, କେନ୍ଦ୍ର ସରକାର ଶ୍ରମିକଙ୍କ ପାଇଁ ଥିବା ଶ୍ରମ ଆଇନ୍‌କୁ ଭାଙ୍ଗି ଚାରୋଟି କୋଡ୍‌ରେ ପରିବର୍ତ୍ତନ କରିବା ଫଳରେ ଶ୍ରମିକମାନେ ଦାଦନ ଶ୍ରମିକ ଠାରୁ ହୀନ ହୋଇଯାଇଛନ୍ତି। ମାଲିକଙ୍କ ବିରୋଧରେ ଶ୍ରମିକମାନେ କୌଣସି ଅଭିଯୋଗ କରିପାରିବେ ନାହିଁ। କୃଷକ ନେତା ସତ୍ୟଜିତ ଦାସ ବିଜେପି ସରକାରର ଏହି କୃଷକ ମାରଣ ନୀତି ବିରୋଧରେ ଆଲୋଚନା କରିଥିଲେ। ବର୍ତ୍ତମାନ ଡବଲ ଇଞ୍ଜିନ ସରକାର ମନରେଗା ଯୋଜନାକୁ ବଦଳାଇ ଭିବିଜିରାମ ଜି ନାମରେ ନୂତନ ଯୋଜନା କରିବା ଫଳରେ କୃଷକଙ୍କର କାମର ଗ୍ୟାରେଣ୍ଟି ରହିବ ନାହିଁ। ବର୍ତ୍ତମାନ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦର ଆକାଶ ଛୁଆଁ ହୋଇଛି। ବେକାରୀ ସମସ୍ୟା ବଢ଼ୁଛି। ଗରିବ ଲୋକ ଗରିବ ଅବସ୍ଥାରେ ହିଁ ରହୁଛନ୍ତି। ଚାଷୀଙ୍କ ଠାରୁ ଧାନ କ୍ରୟ କରିପାରୁନାହାନ୍ତି। ଯାହାର ପ୍ରତିବାଦ କରି ସିଆଇଟିୟୁ ଓ କୃଷକ ସଭା ତରଫରୁ ଜନସାଧାରଣଙ୍କୁ ଧର୍ମଘଟ ସଫଳ କରିବାକୁ ଅନୁରୋଧ କରାଯାଇଛି। ସଭାରେ ଅମରେନ୍ଦ୍ର ନାୟକ, ଲକ୍ଷ୍ମୀଧର ସାହୁ, ରାମଚନ୍ଦ୍ର ସିଂ, ଜଗନ୍ନାଥ ସିଂ, ଲକ୍ଷ୍ମଣ ସ, ଶ୍ୟାମ ସିଂ, ପୁରୁଷୋତ୍ତମ ବାରିକଙ୍କ ସମେତ ବହୁ ସାଥୀ ଉପସ୍ଥିତ ଥିଲେ।

## ଜଗବନ୍ଧୁ ଉଚ୍ଚ ବିଦ୍ୟାପୀଠର ବାର୍ଷିକ ଉତ୍ସବ

ଔପଦା, ୫।୨(ସମିସ): ଔପଦା ବ୍ଲକ ଅଘିରାପଦା ପଞ୍ଚାୟତ ଜଗବନ୍ଧୁ ଉଚ୍ଚ ବିଦ୍ୟାପୀଠର ୪୦ ତମ ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଜଗବନ୍ଧୁ ଉଚ୍ଚ ବିଦ୍ୟାପୀଠର ପ୍ରଧାନଶିକ୍ଷକ ବେଣୁଧର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବାର୍ଷିକ ଉତ୍ସବର ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ବିସି ବିସ୍ୱା ପାତ୍ର, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ରତ୍ନାକର ଦାସ, ସମ୍ମାନିତ ଅତିଥିଭାବେ ଅଘିରାପଦା ସରପଞ୍ଚ ଅନୁପମା ବିଶ୍ୱାଳ, ସାମ୍ବାଦିକ ଅଶୋକ କୁମାର ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ରୁପାଥାଳିଆ ସମ୍ପାଦକ ନିରଞ୍ଜନ ପ୍ରସାଦ ବାରିକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାସ୍କର ଚନ୍ଦ୍ର ରାଉତ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ମକୁନ୍ଦ ଚନ୍ଦ୍ର ବିଶ୍ୱାଳ, ପରିଚାଳନା କମିଟି ସଭାପତି ଗୟାଧର ବିଶ୍ୱାଳ, ପୁରାତନ ଛାତ୍ର ସାଂସଦ ସଭାପତି ଅର୍ଜୁନ ଚରଣ ପାତ୍ର, ପ୍ରତିଷ୍ଠାତା କୈଳାସ ଚନ୍ଦ୍ର ଜେନା, କୈଳାସ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ବୈକୁଣ୍ଠ ପୋଥାଳ ମଞ୍ଚ ଆବାହନ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଯୋଗେନ୍ଦ୍ର ପଣ୍ଡା ବିବରଣୀ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ବୈକୁଣ୍ଠ ପଣ୍ଡା ବେଦ ପାଠ କରିଥିବାବେଳେ ଶିକ୍ଷକ ଗୋଲକ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବାର୍ଷିକ ଉତ୍ସବର ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା କୃତୀ ଛାତ୍ରଛାତ୍ରୀ ଓ ମେଧା ଛାତ୍ରୀଛାତ୍ରୀଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରଛାତ୍ରୀ ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶ ଗ୍ରହଣ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ଧର୍ମ ପରାୟଣା ମହିଳାଙ୍କ ପରଲୋକ

କମର୍ଦ୍ଦା, ୫।୨(ସମିସ): ଭୋଗରାଇ ବ୍ଲକ ସିଆଁରୋଇ ଗ୍ରାମ ପଞ୍ଚାୟତ ଅଧୀନ ପଥୁରିଆ ଗ୍ରାମର ଜଣେ ଧର୍ମ ପରାୟଣା ମହିଳା କିରଣବାଳା ଦାସଙ୍କ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କର ୮୭ ବର୍ଷ ବୟସ ହୋଇଥିଲା ବେଳେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ଦିବଙ୍ଗତା କିରଣବାଳା ଦେବୀ ଜଣେ ଏକା ଧାରରେ ଧର୍ମପରାୟଣା, ସମାଜସେବୀ ଓ ପରପକାରୀ ମହିଳା ଭାବେ ସ୍ଥାନୀୟ ଅଞ୍ଚଳରେ ଜଣାଶୁଣା ଥିଲେ। କେବଳ ଏତକିରେ ସୀମିତ ନ ଥିଲେ, ସଙ୍ଗୀତ ମଧ୍ୟ ତାଙ୍କ ଜୀବନର ଏକ ଆତ୍ମିକ ସାଧନା ଥିଲା। ସୁନ୍ଦର ଗାୟିକା ଭାବେ ସେ ଧାର୍ମିକ ଓ ସାମାଜିକ କାର୍ଯ୍ୟକ୍ରମରେ ଜଡ଼ିତ ଥିଲେ। ଭଜନକୀର୍ତ୍ତନ ମାଧ୍ୟମରେ ସେ ଲୋକଙ୍କୁ ଧର୍ମ ଓ ଶାନ୍ତିର ପଥରେ ଆଣୁଥିଲେ। ତାଙ୍କ ମୃତ୍ୟୁରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁ ଖବର ପାଇ ଗ୍ରାମର ଶହ ଶହ ଲୋକେ ତାଙ୍କ ବାସଭବନ ନିକଟରେ ପହଞ୍ଚି ଅନ୍ତିମ ଦର୍ଶନ କରିଥିଲେ। ପରେ ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।




୧୫ତମ ଲୋକ ମହୋତ୍ସବରେ ବାଲୁକା ଶିଳ୍ପୀ ଅଜୟ କୁମାର ଘୋଷଙ୍କ ଦ୍ୱାରା ବାଲୁକା କଳାରେ ରାଇବଣିଆ ମାଟିର ବରପୁତ୍ର ଭକ୍ତ କବି ଦୀନକୃଷ୍ଣ ଦାସଙ୍କ ପ୍ରତିମୂର୍ତ୍ତି

## ରିଚଲୁକ ପ୍ଲେ ସ୍କୁଲର ବାର୍ଷିକ ଉତ୍ସବ




ନୀଳଗିରି, ୫।୨(ସମିସ): ନୀଳଗିରି ଏନ୍‌ଏସି ବାଲିଗୋହିରିସ୍ଥିତ ରିଚଲୁକ ପ୍ଲେ ସ୍କୁଲର ୬ଷ୍ଠ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ନୀଳଗିରି ତହସିଲଦାର ସୋନମ ଦାସ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ନୀଳଗିରି ମହିଳା କଲେଜର ଅଧ୍ୟକ୍ଷ କାର୍ତ୍ତିକ ଚନ୍ଦ୍ର ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ପଣ୍ଡା, ଅନ୍ୟତମ ସମ୍ମାନିତ ଅତିଥି ଭାବେ ଶଶାଙ୍କ ଶେଖର ଉପାଧ୍ୟାୟ, ପ୍ରତିଷ୍ଠାତା ଶାନ୍ତନୁ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ବକ୍ତା ଭାବେ ନୀଳଗିରି ମହିଳା କଲେଜର ଓଡ଼ିଆ ଅଧ୍ୟାପକ ଡ. ପ୍ରଦୀପ୍ତ କୁମାର ମିଶ୍ର ଯୋଗଦେଇ ତାଙ୍କ ବକ୍ତବ୍ୟରେ ପିଲାଙ୍କ ଭବିଷ୍ୟତ ଉଜ୍ଜଳ କାମନା କରିଥିଲେ। ପୁରସ୍କାର ବିତରଣୀ ସଭାରେ ବିଦ୍ୟାଳୟର ୬୦ ଜଣ ଅଧ୍ୟୟନରତ କୁନିକୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ସୋନମ ଦାସ ପୁରସ୍କୃତ କରିଥିଲେ। ଶେଷରେ ନୃତ୍ୟ ଗୁରୁ ଗୋପୀନାଥ ପରିଡ଼ା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ଧ୍ୟାରେ କୁନିକୁନି ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅଭିଭାବକ, ଗ୍ରାମବାସୀ ଉପସ୍ଥିତ ଥିଲେ। ସ୍କୁଲର ଗୋପୀନାଥ ପରିଡ଼ା, ଭବାନୀ ସିଂ, ଭାଗ୍ୟବତୀ ଦାସ ପ୍ରମୁଖ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଣଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ।

## ୮ରୁ ଆରମ୍ଭ ହେବ ବାରିଙ୍ଗିଆ ମହୋତ୍ସବ

ଖଇରା, ୫।୨(ସମିସ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ବାରିଙ୍ଗିଆ ଗ୍ରାମର ବହୁ ଚର୍ଚ୍ଚିତ ବାରିଙ୍ଗିଆ ମହୋତ୍ସବ ଆସନ୍ତା ୮ ତାରିଖରୁ ଆରମ୍ଭ ହେବ। ୬ଦିନ ଧରି ଓଡ଼ିଶାର ଖ୍ୟାତିସମ୍ପନ୍ନ କଳାକାରମାନେ ଏଥିରେ ଯୋଗଦେଇ ହସକାନ୍ଦର ଖୋରାକ ଯୋଗାଇବେ। ଏହାଛଡ଼ା ଯାତ୍ରା କଳାକାର, ନେତୃବୃନ୍ଦ,




ସାହିତ୍ୟିକ, କବି ଦର୍ଶକଙ୍କୁ ଉଦ୍‌ବୋଧନ ହେବେ। ସ୍ଥାନୀୟ କୁନି କଳାକାରଙ୍କ ଦ୍ୱାରା ନୃତ୍ୟଗୀତ ପ୍ରତିଯୋଗିତା ଆୟୋଜନ କରାଯିବା ସହ କୃତୀ ପ୍ରତିଯୋଗୀ ତଥା ବିଭିନ୍ନ ବିଷୟରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତି ବିଶେଷ ଓ ସଙ୍ଗଠନଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏହି ଅବସରରେ ଏକ ପ୍ରସ୍ତୁତି ବୈଠକ ତଥା ପ୍ରେସ ମିଟ୍ ୪ତାରିଖ ଦିନ ମହୋତ୍ସବ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବ କମିଟିର ସଭାପତି ଶରତ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବିଭୂତି ଭୂଷଣ ଜେନା, ମିତା ସେଠୀ, ଶମ୍ଭୁନାଥ ମାହାନା, ସୁରେନ୍ଦ୍ର ବାରିକ, ଦିବାକର ଗିରି, ପରେଶ ମହାନ୍ତି ଓ କାଶୀନାଥ ସାହୁ ପ୍ରମୁଖ ଉକ୍ତ ପ୍ରସ୍ତୁତି ବୈଠକରେ ଉପସ୍ଥିତ ଥିଲେ।

## ମହାପ୍ରଭୁ ଶ୍ରୀଜଗନ୍ନାଥ ୩୨ବେଶ ପଞ୍ଚମ ସନ୍ଧ୍ୟା



ଭୋଗରାଇ, ୫।୨(ସମିସ): ବାରବାଟିଆଠାରେ ଶ୍ରୀଜଗନ୍ନାଥ ଜନକଲ୍ୟାଣ ଯୁବପରିଷଦ ପକ୍ଷରୁ ଅନୁଷ୍ଠିତ ହେଉଥିବା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବେଶ ପଞ୍ଚମ ସନ୍ଧ୍ୟାରେ ଶିକ୍ଷକ ତଥା ଉତ୍ସବ କମିଟିର ସଦସ୍ୟ ଜ୍ଞାନରଞ୍ଜନ ଦେଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ସମାଜସେବୀ ତଥା ଆଇନଜୀବୀ ଯାଦବେଶ ମିଶ୍ର, ମୁଖ୍ୟବକ୍ତା ଶିକ୍ଷକ ତଥା କବି, ଗାଳ୍ପିକ ଅରୁଣ କୁମାର ଦାସ, ସମ୍ମାନିତ ଅତିଥି ୩୩ ଜୋନ୍‌ର ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ କୁମାର ଜେନା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଉତ୍ସବ କମିଟିର ସଭାପତି ଦେବବ୍ରତ ଦେ ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଉତ୍ସବ କମିଟିର ସଦସ୍ୟ ସୌଭାଗ୍ୟ ରଞ୍ଜନ ଦେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଆଧ୍ୟାତ୍ମିକ ସମାରୋହକୁ ସଫଳ ନିମନ୍ତେ କମିଟିର ସଭାପତି ଶ୍ରୀ ଦେ, ସମ୍ପାଦକ ସୁବ୍ରତ ସାହୁ, ତାପସ ଜେନା, ଯୋଗେନ୍ଦ୍ର ପାଳ, ରାଜ କିଶୋର ଜେନା, ଶ୍ରୀପତି ଜେନା, ମନୋରଞ୍ଜନ ଦେ, ଶ୍ରୀଧର ପାଳ, ଶ୍ରୀପତି ଜେନାଙ୍କ ସହିତ ସମସ୍ତ ସଦସ୍ୟ ସହଯୋଗ କରିଛନ୍ତି।

## ଡିହକଖଡ଼ା ବିଦ୍ୟାଳୟର ବାର୍ଷିକ ଉତ୍ସବ

ଭୋଗରାଇ, ୫।୨(ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇର ଡିହକଖଡ଼ା ବିଦ୍ୟାଳୟରେ ବୁଧବାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ଗୌରୀଶଙ୍କର ଦାସଙ୍କ ସଞ୍ଚାଳନରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଏମ୍ସ ହସ୍ପିଟାଲର



ଡାକ୍ତର ପ୍ରଫେସର ସରୋଜ କୁମାର ଦାସ ମଜୁମଦାର ଯୋଗଦେଇ ସକରାକେ ଚିନ୍ତାଧାରା ମଧ୍ୟରେ ମାର୍କ ବଦଳରେ ଜ୍ଞାନୀ ହେବାକୁ ଚେଷ୍ଟା କର ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ଶିକ୍ଷକ ସମନ୍ୱୟ କମିଟିର ସଭାପତି ଦେବେନ୍ଦ୍ର କୁମାର ଜେନା, ସମ୍ମାନିତ ଅତିଥି ଏନ୍‌ପିଏସ୍ ଶିକ୍ଷକ ସଂଘର ସମ୍ପାଦକ ଅଶୋକ କୁମାର ସାହୁ, ଶିକ୍ଷାବିତ୍ ସୁଦାମ ଚନ୍ଦ୍ର ଗିରି, ଭୋଗରାଇ ଓଲଷ୍ଟା ସମ୍ପାଦକ ତାପସ କୁମାର ପାତ୍ର, ସିଆର୍‌ସିସି ବାରବାଟିଆ ଶରତ କୁମାର ପରିଡ଼ା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି, କୃପାସିନ୍ଧୁ ଗିରି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାଲଗୋପାଳ ଦାସ ମଞ୍ଚ ଆହ୍ୱାନ ସହିତ ବାର୍ଷିକ ବିବରଣୀ ପାଠ, ଶିକ୍ଷୟିତ୍ରୀ ପ୍ରତିମା ଚାନ୍ଦ ଅତିଥି ପରିଚୟ, ଶିକ୍ଷକ ସୁକାନ୍ତ ଘଡ଼ାଇ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯିବା ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ପରୀ ହାଁସଦା ଓ ପରିଚାଳନା କମିଟିର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## କାହ୍ନୁ ଶତପଥୀଙ୍କ ସ୍ମୃତିଚାରଣ ସଭା

**● କଳାକାର ସଂଘ ପକ୍ଷରୁ ମରଣୋତ୍ତର ମାନପତ୍ର ପ୍ରଦାନ**

ଚନ୍ଦନେଶ୍ୱର, ୫।୨(ସମିସ): ପୂର୍ବତନ ସରପଞ୍ଚ, ବିଶିଷ୍ଟ କଳାକାର, ଜଣେ ସଫଳ କ୍ରୀଡ଼ାବିତ୍, ଗୀତାବିତ କାହ୍ନୁ ଗୋପାଳ ଶତପଥୀଙ୍କ ବିୟୋଗରେ ଭୋଗରାଇ କଳାକାର ସଂସ୍କୃତି ସଂସଦ ପକ୍ଷରୁ ଗୁରୁବାର ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଂସଦ ପକ୍ଷରୁ ସ୍ୱର୍ଗତ ଶତପଥୀଙ୍କୁ ମରଣୋତ୍ତର ମାନପତ୍ର ପ୍ରଦାନ କରାଯାଇଛି। ଚନ୍ଦନେଶ୍ୱରସ୍ଥିତ ସଂଘର କାର୍ଯ୍ୟାଳୟରେ ଏ ସଭାକୁ ସଭାପତି ତଥା ସମିତି ସଦସ୍ୟ ରାଧାଶ୍ୟାମ ଦେ ସଞ୍ଚାଳନ କରିଥିଲେ। ଏଥିରେ ସଂଘର ସମ୍ପାଦକ ଶିବଶଙ୍କର ପଣ୍ଡା ଯୋଗଦେଇ ସ୍ୱର୍ଗତ ଶତପଥୀ ଜଣେ କୃତବିଦ୍ୟ ବ୍ୟକ୍ତିତ୍ୱ ଭାବରେ ଉଲ୍ଲେଖନୀୟ ଭୂମିକା ତୁଲାଉ ଥିଲେ। ଏହାଛଡ଼ା ଜଣେ ବଳିଷ୍ଠ କଳା ପ୍ରତିଭା ସମ୍ପନ୍ନ ପ୍ରଜ୍ଞା ଓ ପାଣ୍ଡିତ୍ୟ ନିର୍ମଳ ବ୍ୟକ୍ତିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଳାକାର ନନ୍ଦ ଦୁଲାଲ ପ୍ରଧାନ, ଜୟନ୍ତ ପାହାଡ଼ି, ନିରଞ୍ଜନ ପଣ୍ଡା, ଜିତେନ୍ଦ୍ର ଦିଣ୍ଡା, ଅମରତୋଷ ପଣ୍ଡା, ମିହିର ପଣ୍ଡା, ମହେଶ୍ୱର ପଣ୍ଡା, କିଶୋରୀ ମୋହନ ଦାସ ପ୍ରମୁଖ ମୁଖ ଯୋଗଦେଇ ତାଙ୍କ



ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିଥିଲେ। ଶେଷରେ କଳାକାର ଚନ୍ଦନ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ କଳାକାରମାନେ ତାଙ୍କ ଫଟୋ ଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ ପୂର୍ବକ ନିରବ ପ୍ରାର୍ଥନା କରିଥିଲେ।

## ପୁଣି ହସିବ ମାକିଡ଼ିଆ ଟସର ଶିଳ୍ପ



ଅଣ୍ଟା ଭିଡ଼ିଲେ ଯୁବ ନେତା ରାସବିହାରୀ ରଣା

ଜଳେଶ୍ୱର ବ୍ଲକ, ୫।୨(ସମିସ): ଜଳେଶ୍ୱର ବ୍ଲକର ମାକିଡ଼ିଆ ଗ୍ରାମ ପଞ୍ଚାୟତର ଟସର ଶିଳ୍ପ ଦେଶ ବିଦେଶରେ ପ୍ରସିଦ୍ଧି ଲାଭ କରିଥିଲା। ମାତ୍ର ପ୍ରୋତ୍ସାହନ ଅଭାବରୁ ଧୀରେ ଧୀରେ ଏହି ଶିଳ୍ପ ବନ୍ଦ ହୋଇଯିବାକୁ ବସିଥିଲା ବେଳେ ଗତ ବର୍ଷ ରାଇବଣିଆ ଅଞ୍ଚଳର ଯୁବ ନେତା ରାସବିହାରୀ ରଣାଙ୍କ ପ୍ରଚେଷ୍ଟା ଓ ହାପି ଫାଉଣ୍ଡେସର ପ୍ରତିଷ୍ଠାତା ତପନ କୁମାର ପାତ୍ରଙ୍କ ଉଦ୍ୟମ ବଳରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ଭେଟି ତାଙ୍କ ସହଯୋଗ ଲୋଡ଼ିଥିଲେ। ଫଳରେ ଭାରତ ସରକାରଙ୍କ ହସ୍ତତନ୍ତ ବୟନ ଶିଳ୍ପ ବିଭାଗକୁ ଭେଟି ମାକିଡ଼ିଆଗ୍ରାମରେ ଲୁପ୍ତ ହୋଇ ଯାଉଥିବା ଟସର ଶିଳ୍ପର ଅଗ୍ରଗତି ନିମନ୍ତେ ମାକିଡିଆବ ଝଗଡ଼େଶ୍ୱର ସେବା ସମବାୟ ସମିତି ବୁଣାକାର ସୋସାଇଟି ପରିସରରେ ଭାରତ ସରକାରଙ୍କ ବସ୍ତ୍ର ମନ୍ତ୍ରଣାଳୟ ଓ ହାପି ଫାଉଣ୍ଡେସନ ପକ୍ଷରୁ ୩୦ ଜଣ ମହିଳାଙ୍କୁ ଆଧୁନିକ ଡିଜାଇନ୍‌ରେ ବୁଣାକାମ କରିବା ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି।

ଓଡ଼ିଶାରେ ପ୍ରଥମଥର ପାଇଁ ଡବଲ୍ ଇଞ୍ଜିନ୍ ସରକାର ଆସିବା ପରେ ବୁଣକାର ପରିବାରମାନଙ୍କ ନିକଟକୁ କିପରି ସେମାନଙ୍କ ସମସ୍ତ ସୁବିଧା ସିଧାସଳଖ ଭାବେ ପହଞ୍ଚି ପାରିବ ଓ ପ୍ରଶିକ୍ଷଣ ଜରିଆରେ କିଭଳି ସ୍ୱାବଲମ୍ବୀ ହୋଇପାରିବେ, ସେ ନେଇ ଅଧିକାରୀମାନେ ଆଲୋଚନା କରିଥିଲେ। ଆଗାମୀ ଦିନରେ ଏଭଳି କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରାଯିବା ସହିତ ଭାରତ ସରକାରଙ୍କ ପକ୍ଷରୁ ବୁଣାକାର ପରିବାର କିପରି ସମସ୍ତ ସରକାରୀ ସୁବିଧା ସୁଯୋଗ ପାଇ ପାରିବେ ତତ୍‌ସହିତ ସେମାନଙ୍କ ପରିବାର ଉଚ୍ଚ ଶିକ୍ଷିତ ପିଲାମାନେ ଏହାର ସମସ୍ତ ଲାଭ ଉଠାଇପାରିବେ ସେ ନେଇ ଆଗକୁ ଅନେକ ଯୋଜନା ପ୍ରସ୍ତୁତ କରାଯାଇ ଅଛି ଏବଂ ଯେଉଁ ମାନେ ଏହି ହସ୍ତ ତନ୍ତଓ ବୟନ ଶିଳ୍ପରେ ଟ୍ରେନିଂରେ ଭାଗ ନେବେ ସେମାନଙ୍କ ଆର୍ଥିକ ଅନୁଦାନ ପ୍ରଦାନ ସାଙ୍ଗକୁ ସାର୍ଟିଫିକେଟ ପ୍ରଦାନ କରାଯିବ। ପରେ ସେମାନେ ସ୍ୱାବଲମ୍ବୀ ହୋଇ ନିଜର ପାରଦର୍ଶିତା ପ୍ରତିପାଦନ କରି ପାରିବେ। ସେମାନଙ୍କୁ ସହଯୋଗ କରିଥିଲେ ଭାରତ ସରକାରଙ୍କ ହସ୍ତ ତନ୍ତ ବୟନ ଶିଳ୍ପ ବିଭାଗର ସୁପରିଟେଣ୍ଡେଣ୍ଟ ଅନିତା ମେହେର ଟେକିନିକାଲ ଆସିଷ୍ଟାଣ୍ଟ ହସ୍ତ ତନ୍ତ ବୟନ ଶିଳ୍ପ ଭୁବନେଶ୍ୱରର, ସିଏସ୍ ମହେଶ, ସହ ଟେକ୍‌ନିକାଲ ପ୍ରଶାନ୍ତ କୁମାର ଜେନା, ଏଡିଟି ବାଲେଶ୍ୱର ସମେତ ଗ୍ରାମର ଭବାନୀ ଶଙ୍କର ଦାସ, ସତ୍ୟନାରାୟଣ ଦାସ, ଭୂପତି କୁଇଲା, ସମରେନ୍ଦ୍ର ଘୋଷ, ତାପସ କୁମାର ଚାନ୍ଦ, ବିବେକାନନ୍ଦ ଦାସ ପ୍ରମୁଖ

## ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ଚତୁର୍ଥ ସନ୍ଧ୍ୟା

# 'ନଷ୍ଟ ନାଟକର ନାଟ୍ୟକାର' ମଞ୍ଚସ୍ଥ

ବାଲେଶ୍ୱର, ୫।୨(ସମିସ)



ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହାୟତାରେ ନାଟ୍ୟନୁଷ୍ଠାନ 'ସ୍ରଷ୍ଟା'ର ୪୮ତମ ବାର୍ଷିକ ଉତ୍ସବ ଓ ଚତୁର୍ଥ ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ଚତୁର୍ଥ ସନ୍ଧ୍ୟା ଆୟୋଜିତ ହୋଇଯାଇଛି। ଏହି ସନ୍ଧ୍ୟା ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ ସ୍ୱର୍ଗତ ରାଜା ବୈକୁଣ୍ଠ ନାଥ ଦେବଙ୍କୁ ଉତ୍ସର୍ଗ କରାଯାଇଥିଲା। ତାଙ୍କର ଅଣନାତି ସୁଜିତ କୁମାର ଦେବ ପ୍ରୋଯୋଜନା କରିଥିଲେ। ଗାନ୍ଧୀ ସ୍ମୃତି ଭବନ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡ.ରାଖାଲ ଚନ୍ଦ୍ର ଘଡ଼େଇ ଓ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ.ନଟବର ପାଣିଗ୍ରାହୀ ଯୋଗ ଦେଇଥିଲେ। 'ସ୍ରଷ୍ଟା'ର ସମ୍ପାଦକ ନାଟ୍ୟକାର ହେମେନ୍ଦ୍ର ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ସଭାପତି ଆଲୋକ କୁମାର ସାହୁ ପ୍ରାକ୍ କଥନ ରଖିଥିଲେ। ଉପ ସଭାପତି ପ୍ରସନ୍ନ କୁମାର ଦାସ ମଞ୍ଚ ପରିଚାଳନା କରିଥିବାବେଳେ ନାଟ୍ୟକାର ପୀତାମ୍ବର ଦାସ ଶେଷ କଥା ରଖିଥିଲେ। 'ସ୍ରଷ୍ଟା'ର ନିଜସ୍ୱ ନାଟକ ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କ ଲିଖିତ ଓ ନିର୍ଦ୍ଦେଶିତ ନାଟକ 'ନଷ୍ଟ ନାଟକର ନାଟ୍ୟକାର' ମଞ୍ଚସ୍ଥ ହୋଇଥିଲା। ସଙ୍ଗୀତରେ ଥିଲେ ଗୁରୁ ନନ୍ଦ କିଶୋର ଦାସ। କଳାକାର ସଂଗ୍ରାମ ମହାନ୍ତି, ଅଜିତ ପଣ୍ଡା, ରତିକାନ୍ତ ମଲିକ, ଦିବାକର ମହାନ୍ତି, ଗୌରୀ ଶଙ୍କର ସାହାଣୀ, ସମ୍ରାଇ କର, ପୁଷ୍ପିତା ପାଢ଼ୀ, ସ୍ୱାତୀସ୍ମିତା ଦାସଙ୍କ ଅଭିନୟ ଦର୍ଶକଙ୍କ ମନ ମୋହିଥିଲା। ସେହିପରି ତୃତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ବିଶିଷ୍ଟ ନାଟ୍ୟକାର ମେଜର ଡ. ପ୍ରଦୀପ ଭୌମିକ, ସମ୍ମାନିତ ଅତିଥି ଯୁବନେତା ବିକ୍ରମ ପଣ୍ଡା ଉପସ୍ଥିତ ଥିଲେ। ଉପସଭାପତି ପ୍ରସନ୍ନ କୁମାର ଦାସ ମଞ୍ଚ ଆହ୍‌ୱାନ କରିଥିଲେ। ଶେଷରେ ନାଟ୍ୟକାର ପୀତାମ୍ବର ଦାସ ଶେଷ କଥନ ରଖିଥିଲେ। ପରେ ପଞ୍ଚାନନ ଦାସଙ୍କ ଲିଖିତ, ସତ୍ୟବ୍ରତ ଦାସଙ୍କ ନିର୍ଦ୍ଦେଶିତ ନାଟକ 'ସାଉଁଟା କଇଁ' ଓଡ଼ିଶା ନାଟକ ସମାରୋହ ସମିତି ବ୍ରହ୍ମପୁର ନାଟ୍ୟସଂସ୍ଥା ଦ୍ୱାରା ମଞ୍ଚସ୍ଥ ହୋଇଥିଲା।

